## ନାଇଜରର ୧୨ତମ ସ୍ନାତକ ସମାରୋହ

# ସଫଳତା ଫର୍ମୁଲାରେ ନ ଥାଏ



ଜଟଣୀ,୧୭।୭(ଆପ୍ର): ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ୧୨ତମ ସ୍ନାତକ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି । ନୀତି ଆୟୋଗର ସଦସ୍ୟ ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ଭିକେ ସାରସ୍ୱତ ମୁଖ୍ୟ ଅତିଥିଭାବେ

- ୫୫ଜଣଙ୍କୁ ପିଏଚଡି ଡିଗ୍ରୀ
- ୧୬୫ଜଣଙ୍କୁ ଏମଏସି ଡିଗ୍ରୀ

ଯୋଗଦେଇ ଶିକ୍ଷା ହେଉଛି ସମଗ୍ର ମାନବ ସଭ୍ୟତା ପାଇଁ ଏକ ଅପରିହାର୍ଯ୍ୟ ଜୀବନାଶକ୍ତି ତଥା ସମୃଦ୍ଧ ରାଷ୍ଟ୍ର ଗଠନର ଶକ୍ତିଶାଳୀ ଉପକରଣ । ସଫଳତା କୌଣସି ଫର୍ମୁଲାରେ ନଥାଏ । ବ୍ୟକ୍ତିର ଗଭୀର ଆତ୍ମବିଶ୍ୱାସ ଓ କଠିନ ଅଧ୍ୟବସାୟ ହିଁ ସଫଳତାର ଚାବି କାଠି ବୋଲି ବିଦ୍ୟାର୍ଥୀଙ୍କୁ ସେ ପରାମର୍ଶ ଦେଇଥିଲେ । ନାଇଜର ବୋର୍ଡ ଅଫ୍ ଗଭର୍ଣ୍ଣନର୍ସର ଅଧ୍ୟକ୍ଷ ତଥା ଆଟୋମିକ୍ ଏନର୍ଜି କମିଶନ ଚେୟାରମ୍ୟାନ ପ୍ରଫେସର ଅଜିତ କୁମାର ମହାନ୍ତି ସମାରୋହର ପୌରୋହିତ୍ୟ କରି କହିଥିଲେ ଏଥିରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କର ବିଜ୍ଞାନ ଓ ସମାଜ ପାଇଁ ଅବଦାନ ନିମନ୍ତେ ନାଇଜରର ଶିକ୍ଷାଦାନ ତଥା ଉଚ୍ଚତର ଗବେଷଣାଜନିତ ସୁଯୋଗର ପ୍ରଶଂସା କରିଥିଲେ । ଏଠାରେ ଶାନ୍ତିସ୍ୱରୂପ ଭଟ୍ଟନାଗର ଓ ଇନ୍‌ଫୋସିସ୍ ପୁରସ୍କାର ପ୍ରାପ୍ତ ଶିକ୍ଷକମାନଙ୍କ ପରି ବହୁ ବିଜ୍ଞ ଓ ଉଚ୍ଚକୋଟୀର ଗବେଷକମାନେ ହିଁ ବିଦ୍ୟାର୍ଥୀଙ୍କ ସଫଳତାର ମୂଳଦୁଆ ବୋଲି ମତବ୍ୟକ୍ତ କରିଥିଲେ । ନାଇଜରର ନର୍ଦ୍ଦେଶକ ପ୍ରଫେସର ଏ.ଶ୍ରୀନିବାସନ୍ ପ୍ରାରମ୍ଭରେ ରିପୋର୍ଟ ପାଠ କରିଥିଲେ । ସମାରୋହରେ ୧୬୫ ଜଣ ବିଦ୍ୟାର୍ଥୀଙ୍କୁ ଏମ୍‌ଏସି ଓ ୫୫ ଜଣଙ୍କୁ ପିଏଚଡି ଡିଗ୍ରୀ ପ୍ରଦାନ କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ସାମଗ୍ରିକ ପ୍ରଦର୍ଶନ କରି ସ୍କୁଲ ଅଫ୍ କେମିକାଲ୍ ସାଇନ୍ସର ଆଦିତ୍ୟ ପାଲଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । ସେହିପରି ବାୟୋଲୋଜିକାଲ ସାଇନ୍ସର ପ୍ରିୟବ୍ରତ ବିଶ୍ୱାସ, ମ୍ୟାଥମେଟିକାଲ ସାଇନ୍ସର ଅପ୍ରତୀମ ଚୌଧୁରୀ, ପଦାର୍ଥ ବିଜ୍ଞାନର ଏସ୍ ଗୌଥମେଶ୍ୱର ରୌପ୍ୟ ପଦକ ପାଇଥିଲେ । ନାଇଜର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ, ଡିନ୍ ଏକାଡେମୀ ଡ. ପ୍ରଣୟ କୁମାର ସ୍ୱାଇଁ, ଫାକ୍ଲଟି, ଛାତ୍ରଛାତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ ।

SCAN ME

ପ୍ରମେୟ
THE PRAMEYA

Article published in: The Prameya, Bhubaneswar Edition, 18.07.2023, Page No. 17